COCOANUT CULTIVATION

ନାରିକେଳୋତ୍କର୍ଷିଣୀ

BY

Ras Behari Nayak.

ଶ୍ରୀ ରାସବିହାରି ନାୟକଙ୍କ

କର୍ତ୍ତୃକ ରଚିତ

Printed at the Pooree Printing Company's Press.

BY

Khirod Nath Mittro.

ପୁରୀ ପ୍ରେଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ

First edition.

ପ୍ରଥମବାର

ମୁଦ୍ରିତ ହୋଇ ପ୍ରକାଶିତ ହେଲା

1879

ସନ ୧୮୭୯ ମସିହା

CPNanda Colln., Digitized by srujanika@gmail.com

ନାରିକେଳୋତ୍କର୍ଷଣ ।

ଉପକ୍ରମଣିକା ।

ଏତଦ୍ଦେଶରେ ନାରିକେଳ ବୃକ୍ଷ ଅପରିଜ୍ଞାତ ନୁହେ ଏବଂ ତାହାର ଉପକାରିତା ମଧ୍ୟ ସର୍ବ ସାଧାରଣଙ୍କୁ ଅବି-ଦିତ ନାହିଁ । ଅନ୍ୟାନ୍ୟ ଫଳବାନ୍ ବୃକ୍ଷ ଅପେକ୍ଷା ନାରି-କେଳି ବୃକ୍ଷ ବା ଉଦ୍ୟାନରେ ଅଧିକ ପରିମାଣରେ ଲାଭ ହୋଇପାରେ । କେତେକ ବ୍ରାହ୍ମଣ ସାସନ ମାନଙ୍କରେ ଅଧିକାଂଶ ବ୍ୟକ୍ତି କେବଳ କେତେ ଗୋଟି ନାରକେଳ ବୃକ୍ଷର ଲାଭ ଉପରେ ଆପଣା ପରିବାର ପୋଷଣ ନିର୍ଭର କରି ଜୀବନଯାତ୍ରା ନିର୍ବାହ କରନ୍ତି; ଏ ବୃକ୍ଷ ରୋପଣାଦିରେ ବ୍ୟୟ ଏତେ ଅଧିକ ନୁହେଁ ମାତ୍ର ବୃକ୍ଷ ଫଳବାନ୍ ହେଲେ ଅନେକ କାଳପର୍ଯ୍ୟନ୍ତ ଉତ୍ତମରୂପେ ଲାଭ କରି ଅଟେ, ଏ ବୃକ୍ଷର ଫଳ କେବଳ ଲାଭ କରଅଟେ ତାହା ନୁହେଁ ତାହାର ସର୍ବାଂଶ ନାନାବିଧ କାର୍ଯ୍ୟୋପଯୋଗୀ ଅଟେ; ଦିନ୨ ଏ ବୃକ୍ଷ ଫଳାଦିର ଆଦର ଓ ମୂଲ୍ୟ ବର୍ଦ୍ଧନ ହେଉ ଅଛୁ; ଅତଏବ ଲାଭ ହ୍ରାସର ସମ୍ଭାବନା ନାହିଁ । କମ୍ପା-

GPNanda Colln., Digitized by srujanika@gmail.com

କିନ୍ତୁ ଗୋ ୨ ଟି କାରଣରୁ ସର୍ବ ସାଧାରଣ ଏବୃକ୍ଷ ପ୍ରଚୁରରୂପେ ରୋପଣ କରିବାକୁ ଯତ୍ନବାନ୍ ହୁଅନ୍ତିନାହିଁ ।

୧ ମ ଏତଦ୍ଦେଶରେ ବହୁକାଳରୁ ଏକ କୁସଂସ୍କାର ଅଛି ଯେ ଯାହାବଂଶରେ ପୂର୍ବରୁ ନାରକେଳବୃକ୍ଷ ରୋପଣ କରିବାରନାହିଁ ସେ ଉକ୍ତ ବୃକ୍ଷ ରୋପଣକଲେ ଯେତେ- ବେଳେ ବୃକ୍ଷ ଦାଣ୍ଡିରୁ ଛାଡ଼ଇ ଅର୍ଥାତ୍ ପ୍ରଥମ ବାହୁଙ୍ଗାଦଏ; କିମ୍ବା ପ୍ରଥମ ଫଳ ଫଳେ, ସେତେବେଳେ ରୋପଣକାରୀ ଗୃହମଧ୍ୟରୁ ଜଣଙ୍କର ମୃତ୍ୟୁ ହୁଅଇ (ମୁଣ୍ଡ ଛାଡ଼ିଲେ ମୁଣ୍ଡେ ନଅଇ) ଏକୁସଂସ୍କାର ଦୂରୀଭୂତ କରିବା ଅଭିପ୍ରାୟରେ ଦେଶହିତୈଷି ମୃତ ବାବୁ ବିଚିତ୍ରାନନ୍ଦ ଦାସ ସ୍ୱୟଂ ପରୀକ୍ଷା କରି ତହିଁର ଫଳ ତାଙ୍କ ରଚିତ କୃଷି ବିଜ୍ଞାନ ପୁସ୍ତକରେ ଉଲ୍ଲେଖ କରିଅଛନ୍ତି । ଅନ୍ୟେମଧ୍ୟ ଏଥିର ପରୀକ୍ଷା କରିଅଛନ୍ତି ଓ ଦୃଢ଼ ରୂପେ କହୁଅଛନ୍ତି ଯେ ଏକୁସଂସ୍କାର ଏକ ଅମୂଳକ ଭ୍ରମ ଅଟେ ।

୨ ୟ ଏ ବୃକ୍ଷରୋପଣ ଓ ପରିବର୍ଦ୍ଧନାଦିର ନିୟମ ସର୍ବସାଧାରଣଙ୍କୁ ବିଶେଷରୂପେ ଜ୍ଞାତ ନଥିବାରୁ କେହି ୨ ଲଗାନ୍ତିମଧ୍ୟେ ମାତ୍ର ଫଳପାଉନ୍ତିନାହିଁ; ତେଣୁ ଅନେକ

GPNanda Colln., Digitized by srujanika@gmail.com

ଲୋକଙ୍କର ଏବୃକ୍ଷ ରୋପଣରେ ତେତେ ସ୍ପୃହା ଜନ୍ମେନାହିଁ; ଏକ ଏକର ବା ଚବିଶିଦସ୍ତି ଏକମାଣ ଭୂମିରେ ଅନ୍ୟୂନ ଶୋ ୫୦ ଟା ନାରକେଳ ବୃକ୍ଷ ରୋପଣ ହେବାର ସମ୍ଭବ; ତଦ୍‌ରୋପଣରେ ଯେବ୍ୟୟ ଓ ଆୟ ତାହା ସର୍ବ ସାଧାରଣଙ୍କ ଜାଣିବାକାରଣ ନିମ୍ନରେ ଉଲ୍ଲେଖ କଲୁଁ ।

ଯଥା—ବ୍ୟୟ

ମଞ୍ଜିନଡ଼ିଆ ଗୋ ୫୦ ଟାକୁ ଅତ୍ୟଧିକମୂଲ୍ୟ···	ଟଙ୍କା ୮୲
ଛାଡ଼ଆଦ ପକାଇବା ଖର୍ଚ୍ଚ	,, ୪୲
ଛାଡ଼ ରୋପଣକରିବା ଓ ଖତ ଲଗାଇବା ଖର୍ଚ୍ଚ	,, ୪୲
ଭୂମିକର	,, ୧୬୲
ଜଳ ସେଚନାଦିବ୍ୟୟ	,, ୪୮୲
ଯୋ୦	,, ୮୦୲

ଆୟ

ପ୍ରତିବର୍ଷ ଗୋ ୫୦ ଟା ବୃକ୍ଷରୁ ପ୍ରତିବୃକ୍ଷ ଅତ୍ୟନ୍ୟୂନ ଗୋ ୪୦ ଟା ହେସାବରେ ଗୋ ୨୦୦୦ ଟା ନାରିକେଳ

GPNanda Colln., Digitized by srujanika@gmail.com

ଫଳ ପ୍ରାପ୍ତହେବ ଓ ତହିଁର ମୂଲ୍ୟ ଅତିକମ ହାରାହାରି ପ୍ରତ୍ୟେକ ଫଳକୁ ଗୋଟିଏ ପଇସା ହିସାବରେ ଟ ୫୦ ଙ୍କା ହୋଇପାରେ । ଅଥଚ ଏକ ଗଛ ଫଳବାଡ଼ିରୁ ଭୂମି ଏକ ବର୍ଷମଧ୍ୟରେ ସମ୍ପୂର୍ଣ୍ଣବ୍ୟୟ ପରିଶୋଧହୋଇ ତତ୍ପରେ ବ ୪୦ । ୬୦ ଙ୍କ ପର୍ଯ୍ୟନ୍ତ ଏକ ଏକର ଭୂମିରୁ ପ୍ରତିବର୍ଷ ଟ ୫୦ ଙ୍କାରୁ ନ୍ୟୂନ ଲାଭ ହୁଏନାହିଁ ; ବୃକ୍ଷ ଫଳବାନ୍ ହେଲେ ତତ୍ପ୍ରତି ଅଧିକ ଯତ୍ନ ନେବାର ଆବଶ୍ୟକ ନରହେ । ଏତଦ୍ଦେଶରେ କୌଣସି ଫଳବାନ୍ ଗଛ ବା ଲତିକା ତ ଏପରିମାଣରେ ଲୋକର ଅଶାନାହିଁ । ଅତଏବ ଆମ୍ଭେ ଏତଦ୍ଦେଶୀୟ ଓ ମାଳପ୍ରଦେଶସ୍ଥ କୃଷିଜୀବିଙ୍କୁ ବଡ଼ ସତ୍ତେ ଅପଣାର ଦୂରଦର୍ଶିତା ଯୋଗବଳ ସହାୟ- ତଣାନି ସ୍ୱାଭେ ଏହି ପୁସ୍ତକଖଣ୍ଡି ସମର୍ପଣ ପୂର୍ବକ ସବିନୟରେ ପ୍ରାର୍ଥନା କରୁଅଛୁଁ ଯେ ଏହା ପ୍ରତି ଦୃଷ୍ଟି ନିକ୍ଷେପକରି ଏଥି ଲିଖିତ ନିୟମାନୁସାରେ କାର୍ଯ୍ୟକଲେ ଅମ୍ଭର ଶ୍ରମ ସଫଳ ଜ୍ଞାନ କରିବୁ ।। ଇତି ।।

GPNanda Colln., Digitized by srujanika@gmail.com

ନଡ଼ିଆ ମଞ୍ଜି ସଂଗ୍ରହ ଓ ଚାଡ଼ ଘଟାଇବାର ବିଧି ।

ପ୍ରାଚୀନ ବୃକ୍ଷର ଉତ୍ତମ ପରିପକ୍ୱ ଓ ବଡ଼ ୨ ଟଣ ବିଶିଷ୍ଟ ନଡ଼ିଆ ବାଛି ମଞ୍ଜି ନିମନ୍ତେ ସଂଗ୍ରହ କରିବାର ଉଚିତ । ତ୍ରିଂଶ ବର୍ଷରୁ ଅଧିକ ଓ ଅଶୀ ବର୍ଷରୁ ନ୍ୟୁନ ବୟସ୍କ ବୃକ୍ଷର ଅଳ୍ପ ଫଳ ବିଶିଷ୍ଟ-କାନ୍ଦିରୁ ମଞ୍ଜି ସଂଗ୍ରହ କରିବାକୁହେବ । ଇଂରେଜି ଫିବ୍ରୁଏରୀ ଅର୍ଥାତ୍ ଫାଲ୍ଗୁନ ମାସଠାରୁ ମଇ ଅର୍ଥାତ୍ ଜ୍ୟେଷ୍ଠ ମାସ ମଧ୍ୟରେ ଫଳିବା ନଡ଼ିଆ ଉତ୍କୃଷ୍ଟ ମଞ୍ଜିଅଟେ; କାରଣକି ଉକ୍ତ ସମୟୋତ୍ପନ୍ନ ନଡ଼ିଆ ଅନ୍ୟ ସମୟୋତ୍ପନ୍ନ ନଡ଼ିଆ ଅପେକ୍ଷା ଅଧିକ ତେଲିଆ; ଏବଂ ଅଧିକ ତୈଳ ବିଶିଷ୍ଟ ମଞ୍ଜିରୁ ବୃକ୍ଷ ଅତି ବଳିଷ୍ଠ ଓ ଅଧିକ ଫଳଦାୟୀହୁଏ । ଉକ୍ତ ପ୍ରକାର ନଡ଼ିଆକୁ ପଶ୍ଚାଲ୍ଲିଖିତ ଉପାୟାନୁସାରେ ରୋପଣକଲେ ବୃକ୍ଷସବୁ ଅତ୍ୟଳ୍ପ ସମୟରେ ଯଥେଷ୍ଟ ପରିମାଣରେ ଫଳୋତ୍ପାଦକ ହେବ ଅତିପ୍ରାଚୀନ ବୃକ୍ଷର ନଡ଼ିଆର ଅକ୍ଷିସବୁ କ୍ଷୁଦ୍ର ହୋଇଯାଏ ଏବଂ ଦେଖାଯାଇଅଛି ଯେ କ୍ଷୁଦ୍ର ଅକ୍ଷି ବିଶିଷ୍ଟ ମଞ୍ଜିରୁ ଯେଉଁ ଗଜା ହୁଅଇ, ତାହା ସରୁ ଓ ଡେଙ୍ଗାହୋଇ ବଢ଼େ ଏ

GPNanda Colln., Digitized by srujanika@gmail.com

ଫଳବାନ୍ ହେଲେ ମଧ୍ୟ ନିୟମିତ ସମୟରେ ଓ ଅଧିକ ପରିମାଣରେ ଫଳୋତ୍ପାଦନ କରିପାରନ୍ତିନାହିଁ । ସେହି ପ୍ରକାର ଅଳ୍ପବୟସ୍କ ବୃକ୍ଷର ନଡିଆ, ମଞ୍ଜିକଲେ ତାହାର ଆଖି ସବୁ ପୋକ୍ତ ହୋଇଯାଏ; ଓ ଯଥାସମୟରେ ତହିଁରୁ ଅଙ୍କୁରୋତ୍ପାଦନ ହେଲେ ମଧ୍ୟ ତାହା ଅତି ଉଚ୍ଚ ଓ ମୋଟ ହୋଇ ଉଠଇ ଏବଂ ମଧ୍ୟମା ବୟସରେ ଗଛ ମଧ୍ୟ ଫଳିବାକୁ ଅକ୍ଷମ ହୁଅଇ ଅଥବା ଫଳ ଧାରଣ ହୋଇବା ପୂର୍ବରୁ ତେଣ୍ଡ ଭାଙ୍ଗିଯାଇ ଝଡ଼ିପଡ଼ଇ । ମଞ୍ଜି ନଡ଼ିଆଁ ବୃକ୍ଷରୁ ଉଦ୍ଧୃତ ହେଲାପରେ କେତେକ ଦିନ ପର୍ଯ୍ୟନ୍ତ ଇଷତ୍ ସୂର୍ଯ୍ୟୋତ୍ତାପରେ ଟୋକାଠି ବନ୍ଧା ଦଉଡ଼ିରେ ଟାଙ୍ଗି ଦେବାକୁ ହେବ ଭୂମିରେ ରଖିଲେ ଉପରର କତା ସବୁ ସଡ଼ି ଯାଇ ତାହାର ସାଙ୍ଗୋଦ୍ଭିଦ ଶକ୍ତି ନଷ୍ଟ ହେବାର ସମ୍ଭାବନା; ଏବଂ ତହିଁରୁ ଅଙ୍କୁର ଉତ୍ପାଦନ ହେଲେ ମଧ୍ୟ ସ୍ଥାନାନ୍ତରରେ ରୋପଣଦ୍ୱାରା ହେତୁରୁ ତାହାର ବାହଙ୍ଗା ସବୁ ଶୁଖିଯାଇଁ ବା, ଜୀର୍ଣ୍ଣ ଅବସ୍ଥାକୁ ପ୍ରାପ୍ତ ହୁଏ । ଅଥବା ଯେବେ କୌଣସି ପ୍ରକାରେ ରକ୍ଷିତ ଓ ଫଳଦ ହୁଏ ତେବେ ତାହାର ଫଳ ସବୁ ଉତ୍ତ ପ୍ରାଏ ଦେଖା ଗଲେ ମଧ୍ୟ ଉଚ

GPNanda Colln., Digitized by srujanika@gmail.com

ରେ ରସ ହୁଅଇ ନାହି କମ୍ବା ଫଳ ଉତ୍କୃଷ୍ଟ ରୂପେ ପକ୍ବ ହେବା ପର୍ଯ୍ୟନ୍ତ ରହେ ନାହିଁ । ମଞ୍ଜିନଡ଼ିଆକୁ ଗଛରେ ଶୁଖିବା ପର୍ଯ୍ୟନ୍ତ ରଖିଲେ ତହିଁର ପାଣି ଶୁଖିଯାଇଁ ତାଙ୍କୁ ରୋପ୍ୟାଦକାଶକ୍ତି ନଷ୍ଟ ହୋଇ ଯିବାର ସମ୍ଭାବନା ଅଛ- ଏବ ସେପ୍ରକାର କଢ଼ିବାର ବଧେୟ ନୁହେ ॥ ମାଟିରେ ପୋତିବା ପୂର୍ବରୁ ଉପରୋକ୍ତ ପ୍ରକାର ଏକ ମାସ ଟାଙ୍ଗି ରଖିବା ଉଚିତ, କାରଣ କି ଏପ୍ରକାର କଲେ, ତହିଁର କେତେକ ଅଂଶ ପାଣି ଶୁଷ୍କ ହୋଇ ଯିବ ଓ ସଢ଼ାଇ କଠିନ ହୋଇ ଜଳ ଶୋଷ ହେବ । ଏପ୍ର କାର ନକଲେ କେବଳ ତୋଳି ଆଣି ପୋତି ଦେଲେ, ନଡିଆ ରୁଆଖି ଓ କଢ଼ା ସବୁ ସଡ଼ିଯାଇ, ଗଛ ବାହାରିବାର କ୍ଲେଶ ହେବ ଅଥବା ଗଛ ବାହାରିବା ସମୟରେ ଅନେକ ବିଳମ୍ବରେ ବାହାରିବ । ଏବଂ ଗଛ ପୁଷ୍ଟ ଓ ଫଳବାନ୍ ହେବ ନାହିଁ । ଅନ୍ୟତର--ନଡ଼ିଆ ତୋଳା ହେବାର ଏକମାସରୁ ଅଧିକ ସମୟରେ ରୋପଣ କରା ଗଲେ, ମଧ୍ୟସ୍ଥିତ ସାରପଦାର୍ଥ ଓ ଉପରର କଢ଼ା ସବୁ ନଷ୍ଟ ହୋଇ ଯିବ ଏବଂ ଭୂମିରେ ପୋତା ଗଲେ ଭୂମିର ଶୀତଳତା ଓ ଉପରସ୍ଥ ଜଳ ଲାଗି

GPNanda Colln., Digitized by srujanika@gmail.com

ତାହାର ବାଧା ଜନ୍ମି ଭଲ ରୂପେ ଗଜା ବାହାରି ପାରେ ନାହିଁ । ଅଥବା ଗଜା ହେଲେ ଉତ୍କୃଷ୍ଟ ରୂପେ ବର୍ଦ୍ଧିତ ଓ ଫଳିତ ହେବ ନାହିଁ । ଅତଏବ ଯଥା ସମୟରେ ମଞ୍ଜିସଂଗ୍ରହ ଓ ରୋପଣ କରିବାର ଉଚିତ ଅଟେ । ଅଥବା ଉକ୍ତ ହ୍ରାସ-ଖଣ୍ଡ ହେବାର କୌଣସି ଆଶଙ୍କା ରହି ନ ପାରିବ । ଭୂମିରେ ଯେଉଁ ଫାଟ ପଡ଼ଇ, ତାହା ଉକ୍ତ ହ୍ରାସ ଅନେକ ଘଟି ଦେବାର ସମ୍ଭାବନା; ତେଣୁ ହୋଇ ନ ପାରିବ ଏପରି କଠିନ ସ୍ଥାନରେ ଫାଟ ପଡ଼ିଲେ, ଏବଂ ଅଧିକ ଖର ସ୍ଥାନରେ ସୂର୍ଯ୍ୟ କିରଣରେ ଉତ୍ତପ୍ତ ହେଲେ ଭିତର ପାଣି ଶୁଖି ଯାଇ ଗଜା ହେବା ପକ୍ଷରେ ବାଧା ଜନ୍ମଇ । ଯଦ୍ୟପି ସୁଯୋଗ କ୍ରମେ ଗଜା ହୁଅଇ, ତେବେ ତାହା ଉକ୍ତ ଘାଟିତାକୁ ପ୍ରାପ୍ତ ହୁଏ, ଏବଂ ସ୍ଥାନାନ୍ତରରେ ରୋପଣ କରିବା ସମୟରେ ଚେର ଛିଡ଼ି ଯାଇ, ନଡ଼ିଆର ଗଜା ଭଗ୍ନ ହୋଇଯାଏ, ସୁତରାଂ ତାହା ଏକାବେଳକେ ନଷ୍ଟ ହୁଅଇ । ପୁନଶ୍ଚ ଅସମାନ ଭୂମିରେ ଫାଟ ପଡ଼ିଲେ, ବର୍ଷା ଜଳ ପଶି ଯାଇ ବୀଜ ନଷ୍ଟ ହୁଅଇ । ଫାଟ ପଡ଼ିବା ସ୍ଥାନ ଅଳ୍ପ ପରିମାଣରେ ସୂର୍ଯ୍ୟ ତାପରେ

GPNanda Colln., Digitized by srujanika@gmail.com

ଉତ୍ତପ୍ତ ହେବାର ଉଚିତ କାରଣ ଇହ୍ଵାସ୍, ଗଛ ସବୁ ତେଙ୍ଗା ନ ହୋଇ, ସ୍ଥୂଳ ଓ ସବଳ ହୁଏ । ଓ ଲଗାଇଲେ ନଷ୍ଟ ନ ହୋଇ ଉତ୍ତାପ ସହ୍ୟ କରଇ । ଜଳ ସର୍ବଦା ଶୁଖି ଗଲେ ରହିଲେ ଗଛ ତେଙ୍ଗା ଶୀର୍ଣ୍ଣ ଓ ଦୁର୍ବଳ ହୁଅଇ, ଏବଂ ଗ୍ରୀଷ୍ମ ଉତ୍ତାପରେ ଶୁଷ୍କ ହୋଇ ଯାଏ ଜନୋଷ୍ମି ଅର୍ଥାତ୍ ମାଘମାସ ଠାରୁ ଅପ୍ରେଲ ଅର୍ଥାତ୍ ଚୈତ୍ର ମାସ ମଧ୍ୟରେ, ଅଥବା ଅଧିକ ବର୍ଷା ନ ହେଲେ ଅଗଷ୍ଟ ଅର୍ଥାତ୍ ଆଷାଢ଼ ମାସରେ, ମଞ୍ଜିଆ ଚାଡ଼ ପକାଇଲେ, ଉତ୍ତମ ଫଳବାନ୍ ବୃକ୍ଷ ହୁଅଇ । ତାହା ନ କରି ବିଶେଷ ଶବ୍ଦ କମ୍ବା ବର୍ଷାକାଳରେ ଚାଡ଼ ପକାଇଲେ ତତ୍କାଳୀନ ବୃକ୍ଷର ଫଳ ଅତି କ୍ଷୁଦ୍ର ହେବାର ଦେଖା ଯାଏ । ଚାଡ଼ ପକାଇବା ନିମନ୍ତେ ପୂର୍ବୋକ୍ତ ପ୍ରକାର ଉପଯୁକ୍ତ ଭୂମି ପ୍ରାପ୍ତ ନ ହେଲେ, ଯେ କୌଣସି ଉଚ୍ଚ ସ୍ଥାନ ମନୋନୀତ କରି ବୀଜସଂଖ୍ୟା ପରିମାଣରେ ଆବଶ୍ୟକମତେ ଆୟତନ ସ୍ଥାନକୁ ଦୁଇ ହାତ ଗଭୀର ପର୍ଯ୍ୟନ୍ତ ଖୋଳି ତନ୍ମଧ୍ୟରେ ଥିବା ପଥର କମ୍ବା ଅନ୍ୟାନ୍ୟ ବୃକ୍ଷର ଚେରସବୁ କାଟିଦେବାକୁ ହେବ, ତହିଁରେ ସେସ୍ଥାନ ମୃତ୍ତିକା ପଙ୍କ ମିଶାଇ ବାଲିଆ

GPNanda Colln., Digitized by srujanika@gmail.com

ହୋଇ ନ ଥିଲେ, ତହିଁରେ ଗ୍ରୀଷ୍ମ କାଳରେ ଦୁଇଭାଗ ପଙ୍କ ଓ ଏକଭାଗ ବାଲିମିଶ୍ରିତ କରି, ନିଚସ୍ଥ ଭୂମି ଅପେକ୍ଷା ଏକ ହସ୍ତ ଉଚ୍ଚ କଲା ଉତ୍ତାରୁ ପୂର୍ବୋକ୍ତ ରୀତ୍ୟନୁସାରେ ତହିଁରେ ବୀଜ ରୋପଣ କଲେ, କୌଣସି କ୍ଷତି ହେବ ନାହିଁ । ତାଡର ଫେର ହେବା ପୂର୍ବରୁ ଯଦ୍ୟପି ଖତ ହେବାର ଅନାବଶ୍ୟକ ଅଟେ, ତଥାଚ ଉକ୍ତମାନଙ୍କଦ୍ୱାର୍ ସଚେତର ନଡିଆ ତାଡର ଅନେକ କ୍ଷତି ହେବାର ସମ୍ଭାବନା, ଅତଏବ ଉକ୍ତ ଅବସ୍ଥା ନିବାରଣାର୍ଥେ କିଛୁ ଲବଣ ମିଶ୍ରିତ କରି ଅଥବା ପାଉଁସ, ଚୂନ, ବାଲି, ଜବଖାର, ଏସବୁଙ୍କୁ ଏକତ୍ରକରି ମଞ୍ଜି ରୋପଣ କରିବା ସ୍ଥାନରେ ଦେବାର ପ୍ରୟୋଜନୀୟ ଅଟେ । ତାହା ନ କଲେ ଅଧିକାଂଶରେ ବୀଜ ନଷ୍ଟ ହୋଇ ଯାଏ, ଆଉ ଯାହା ଅଙ୍କୁର ହୁଏ ତାହାମଧ୍ୟ ପୁଷ୍ଟ ହୁଏନାହିଁ । କୌଣସିଉଦ୍ଭିଦ ତତ୍ତ୍ୱବିତ୍ ପଣ୍ଡିତ କହି ଅଛନ୍ତି ଯେ ତାଡ଼ ପଡ଼ିବା ସମୟରେ ଉପଯୋଗୀ ଖତ ବ୍ୟବହାର ନ କଲେ, ଗଛ ସବୁ ଯଦ୍ୟପି ପୁଷ୍ଟ ଦେଖା ଯାଏ ତଥାଚ ବୃକ୍ଷ ରୋପଣ କରିବା ସମୟରୁ ତାହା ଶୀଘ୍ରିତାଳୁ ପ୍ରାପ୍ତ ହୁଏ । ଅଥଚ

GPNanda Colln., Digitized by srujanika@gmail.com

ଉଇ ମାନଙ୍କ ଉପଦ୍ରବ ନିବାରଣାର୍ଥେ କଛୁ ଲବଣାର ପାଣି ଦେଲେ ମଧ ହେବ । ଏବଂ ଅନୁଭବ ଦ୍ୱାରା ଦେଖା ଯାଇ ଅଛି ଯେ କେବଳ ଲବଣାର ପାଣି ଦିଆ ଗାଡ଼, ଉକ୍ତ ପ୍ରକାରଖତ ପ୍ରୟୋଗ ହୋଇଥିବା ଗାଡ଼ ଅପେକ୍ଷା କଛି ଭିନ୍ନ ହୁଏ ନାହିଁ । ବୀଜ ରୋପଣ ହେଲା ଉତ୍ତାରୁ ବୃକ୍ଷର ଶୁଷ୍କତାନୁସାରେ ପ୍ରତି ଦଶ ଅଥବା ଦୁଇ ଏକ ଦିନ ଅନ୍ତରରେ ଜଳ ସେଚନ କରିବାକୁ ହେବ, ଯେ ପ୍ରକାର କି, ଭୂମି ସକଳ ସମୟରେ ଈଷତ୍ ଓଦା ଥିବ; ଅଧିକ ଜଳ ଦେଲେ ଗଜାସବୁ ସଯାଏ, ଏବଂ ଭୂମି ଶୁଷ୍କ ହେଲେ, ନଡ଼ିଆ ମଧ୍ୟସ୍ଥିତ ପାଣି ଶୁଖି ଯାଇ ଗଜା ଶୁଷ୍ଠି ହୋଇ ଯାଏ, ଅତଏବ ସାବଧାନ ପୂର୍ବକ ଜଳ ସେଚନ କରିବା ନିତାନ୍ତ ଆବଶ୍ୟକ ଅଟେ । ଉପରୋକ୍ତ ନିୟମାନୁସାରେ ନଡ଼ିଆ ମଞ୍ଜି ରୋପଣ କଲେ, ଛଅ ମାସମଧ୍ୟରେ ଅବଶ୍ୟ ଗଜା ବାହାରିବ ॥ ନଡ଼ିଆ ଗଜା କରିବାର ଅନ୍ୟ ଏକ ସହଜ ଉପାୟ ଏହି ଯେ ଉତ୍ତମ ପରିପକ୍ୱ ନଡ଼ିଆ ମଞ୍ଜି ଉଦ୍ଧୃତ ହେଲା ଉତ୍ତାରୁ ଯାଉଁଳ କରି ଘରର ଚୁଲି ଉପରେ କମ୍ପା ଗଛର ଡାଳରେ ବାନ୍ଧି ରଖି

GPNanda Colln., Digitized by srujanika@gmail.com

ଖତ୍, ଛାଇର, ଓ ବର୍ଷା, ଯୋଗାଇଲେ ପ୍ରାପ୍ତ ତିନିଚାରି ମାସ ମଧ୍ୟରେ ଏହାର ଗଜା ବାହାରି ପଡ଼ଇ, ଗଜାଟିଏ ଏକ ଅଙ୍ଗୁଳ ବାହାର ହେଲେ, ତାକୁ ନେଇ ଗାଡ଼ ପଡ଼ି-ବାର ଉପଯୁକ୍ତ ସ୍ଥାନରେ ପୋତିଲେ, ଏହିଁରୁ ପେଡ଼ ଗଛ ହୁଅଇ ତାହା କୌଣସି ପ୍ରକାର ନଷ୍ଟ ବା ଦୁର୍ବଳ ହୁଅଇ ନାହିଁ । ମଧ୍ୟ ଫଳବାନ୍ ହେବାରେ ଅଧିକ ବିଳମ୍ବ ହୁଏ ନାହିଁ । ଗଜା ବାହାରିଲା ଉତ୍ତାରୁ, ଖତ ଦେବାର କିଛି ଅଧିକ ପ୍ରୟୋଜନ ନାହିଁ ।। ଗଜା ଅଙ୍କୁରିତ ହେଲା ଉତ୍ତାରୁ ଯେ ପ୍ରକାର ଗୋ, ମହିଷାଦି ପଶୁ ବା ଅନ୍ୟବିଧ ପୋକ ତାହା ନଷ୍ଟ ନ କରନ୍ତି, ତହିଁ ପ୍ରତି ବିଶେଷ ଦୃଷ୍ଟି ରଖିବାକୁ ହେବ। କାରଣ ଉକ୍ତ ଅବସ୍ଥାରେ ଏହି ପ୍ରତି କିଛିମାତ୍ର ଅନାସ୍ଥା ହେଲେ ତାହା ଗଛ ହେବାର ସମ୍ଭାବନା ନାହିଁ । ଯେତେବେଳେ ପତ୍ର ଫିଟିବା ସମୟରେ ତାହା ହରିଦ୍ର ବର୍ଣ୍ଣ ଦୃଷ୍ଟ ହୁଏ, ଅଥବା କୌଣସି ପୋକ ଲାଗନ୍ତି ତେବେ ତାହା ସ୍ଥାନାନ୍ତରରେ ରୋପଣ କରିବାର ଯୋଗ୍ୟ ହେବା ପର୍ଯ୍ୟନ୍ତ ତାହା ମୂଳରେ ସମୁଦ୍ର ବାଲି କିମ୍ବା ଲୁଣି ମାଟି ଦେବାକୁ ହେବ ନଚେତ୍ ତାହା ରୋଗିଣୀ ହୋଇ

GPNanda Colln., Digitized by srujanika@gmail.com

ଯିବ ॥ ଗଛ ସବୁ ଚାଡ଼ା ପଡ଼ିଥିବା ଯାଗାରେ ଏକ ବର୍ଷ ରହିଲେ ଉତ୍ତର ଦ୍ୱିତୀୟ ବର୍ଷକୁ ତାହାଏକ ସ୍ଥାନରେ ନେଇ ରୋପଣ କରିବାକୁ ହେବ, ଓ ତୃତୀୟ ବର୍ଷକୁ ସେସ୍ଥାନରୁ ନେଇ ପୂର୍ବ ପରି ସ୍ଥାନାନ୍ତରରେ ରୋପଣକରି ବାକୁ ହେବ । ଏପ୍ରକାର କରିବାର କାରଣ ଏହି ଯେ, ଏକସ୍ଥାନରେ ଚାଡ଼ ଗଛ ଲଗିବା ପର୍ଯ୍ୟନ୍ତ ରଖାଗଲେ ଭୂମିର ରସ, ଯଥେଷ୍ଟ ପରିମାଣରେ ନପାଇ ଦୁର୍ବଳହୁଏ ଏବଂ ଇଷ୍ଟାନୁରୂପ ଫଳତ ହୁଏନାହିଁ । ଉକ୍ତାନୁରୂପ ସ୍ଥାନାନ୍ତରିତ ହୋଇ ଥିବା ଗଛକୁ ଉଚାଡ଼ି କହନ୍ତି । ଚାଉଡ଼ି ଗଛର ନଡିଆ ଅଧିକ ରସାଳ ହେବାର ଦେଖା ଯାଏ, ମାତ୍ର ଖାଲ ଭୂମିରେ ଅଥବା ଜଳାଶୟର ତଟରେ ଗଛ ଲଗାଇବାକୁ ହେଲେ, ଏକଚାଡ଼ି କିମ୍ବା ଦୋଚାଡ଼ି ଗଛରେ ମଧ୍ୟ ଉକ୍ତାନୁରୂପ ଫଳ ହୁଅଇ ତହିଁ ମାତ୍ର ବାଧା ଜନଇ ନାହିଁ । ତିନି ବର୍ଷର ଉର୍ଦ୍ଧ କାଳ ପର୍ଯ୍ୟନ୍ତ ଗଛ ରୋପଣ କଲେ, ସ୍ଥାନାନ୍ତର କରିବା ସମୟରେ ପୂର୍ବର ବାହାଙ୍ଗା ସବୁ ଶୁଷ୍କ ହୋଇଯାଏ ଏବଂ ଗଛକୁ ମଧ୍ୟ ବାଧା ହୁଅଇ ।

GPNanda Colln., Digitized by srujanika@gmail.com

ଗଛ ରୋପଣ କରିବା ନିମନ୍ତେ ନିମ୍ନଲିଖିତ କେତେକ ପ୍ରକାର ଜମି ମନୋନୀତ କରିବାର ଉଚିତ ଅଟେ ।

(୧) କଳା ବାଲିଗାର ଜମା ପଟୁ ପଡ଼ା ଭୂମି ।

(୨) ବାଲି ଓ କାଦୁଅ ମିଶା ଜମା ବାଲିଗାର୍ ମଟାଳଜମି

(୩) ନଦୀ ଓ ପୋଖରିର ତଟ ଜମା ଧାନ ବିଲର ନିକଟ ଭୂମି ।

(୪) କରକଟ ଓ ବାଲିଗରଡ଼ା ମିଶ୍ରିତ ବାଲିଅଗ୍ରଜମି

(୫) ପାଣି ମଧ୍ୟରେ ଥିବା ପ୍ରଶସ୍ତ କୂଦ ।

(୬) ସମୁଦ୍ର ବାୟୁ ସଞ୍ଚାଳିତ ହେଉଥିବା କଳା ମାଟିଯୁକ୍ତ ସମ ଭୂମି ।

(୭) ଦୁଇ ପାହାଡ଼ ମଧ୍ୟସ୍ଥିତ ଉପତ୍ୟକା ଜମି ଜମା ପୋତା ପୋଖରୀ ଓ ପୋତା ଗଡ଼ିଆ ।

(୮) ଗୋରୁ ପ୍ରଭୃତିଙ୍କ ମୂତ୍ରାଦ୍ଧ ଜମା ହେବାର ସ୍ଥାନ ।

ଉପରୋକ୍ତ କେତେକ ପ୍ରକାର ଭୂମିରେ ଗଛଲଗା-ଇଲେ, ଅଳ୍ପାୟୁସରେ ଓ ଅଳ୍ପ କାଳରେ ଫଳ ଭୋଗୀ ହେବାର ସମ୍ଭାବନା ନାହିଁ ତାହା ଅନୁଭବରେ ପଥରଗାର ଭୂମିରେ ଯେତେବେ ନଡ଼ିଆ ଗଛ କାଳୁ ହେବ ତେବେ

GPNanda Colln., Digitized by srujanika@gmail.com

ପ୍ରତ୍ୟେକ ବୃକ୍ଷ ନିମନ୍ତେ ସାତ ହାତ ଦୀର୍ଘ ଓ ସାତ ହାତ ପ୍ରଶସ୍ତ ଏବଂ ସାତ ହାତ ଗଭୀରରେ ଖାତ ଖୋଳ ତହିଁ ସେହି ପଥର ବାହାର କରି ଦେଲା ଉତ୍ତାରୁ ତାହାକୁ ପୁରାତନ ପୁଷ୍କରିଣୀର ପଙ୍କ ଓ ବାଲିରେ ପୂର୍ଣ୍ଣ କରିବାକୁ ହେବ ତଦନନ୍ତର ତହିଁରେ କେତେ ଦିନ ପର୍ଯ୍ୟନ୍ତ ମେଷାଦି ପଶୁ ବା ମନୁଷ୍ୟ ଗୋ ମୂତ୍ରାଦି ତାଳ ବୃକ୍ଷ ରୋପଣ କଲେ, ତାହୁରି ଅଧିକ ଉତ୍ତମ ହେବ । କୌଣସି ପ୍ରକାର କ୍ଷତିର ଭୟ ରହିବ ନାହିଁ ।

— ଗର୍ତ୍ତ ପ୍ରସ୍ତୁତ କରିବାର ବିଧି ॥

ବୃକ୍ଷ ରୋପଣ କରିବାନିମନ୍ତେ ଯେଉଁ ଗର୍ତ୍ତସବୁ ପ୍ରସ୍ତୁତ କରିବାକୁ ହେବ, ସେମାନଙ୍କର ବ୍ୟବଧାନ ଅତି ନ୍ୟୂନରେ ଚବିଶ ହାତ ହେବାର ଉଚିତ । ତାହା ନହେଲେ ବାହାଙ୍ଗା ସବୁ ପରସ୍ପର ପ୍ରତି ରୋଧକ ହୋଇ ବୃକ୍ଷ ବନ୍ଧ୍ୟଭାବକୁ ଧାରଣ କରେ । ଏବଂ ଏତଦ୍ୱାରା ଅନାୟାସରେ ବୃକ୍ଷ ଉତ୍ପତ୍ତି ନଷ୍ଟ ହେବାର ସମ୍ଭାବନା । ବିଶେଷତଃ ବୃକ୍ଷ ସବୁ ପରସ୍ପର ସନ୍ନିକଟ ହେଲେ, ଉଲ୍‌ରୂପେ ବଢ଼ା

GPNanda Colln., Digitized by srujanika@gmail.com

ପକାଇ ପାରଇ ନାହିଁ । ଏବଂ ଫଳ ମଧ୍ୟ ଶ୍ରେଷ୍ଠ ହୋଇ ଯାଏ । ଫଳଫଳିଷ୍ଣୁ ମାତ୍ରରେ ପ୍ରତ୍ୟେକ ଗର୍ତ୍ତର ଦୈର୍ଘ୍ୟ ପ୍ରସ୍ଥ, ଓ ଗଭୀର, ତିନି କିମ୍ବା ଚାରି ହାତ, ଓ ପଥୁରିଆ ଭୂମିରେ ପାଞ୍ଚ ହାତ, ମାଟି ଖାଲ କିମ୍ବା ଜଳାଶୟର ତଟ ବର୍ତ୍ତି ଭୂମିରେ ୨ । ୨॥ ହାତ ହେଲେ ଯଥେଷ୍ଟ ହୁଏ । କିନ୍ତୁ ଗର୍ତ୍ତ ଏପ୍ରକାର ନହେଲେ, ବୃକ୍ଷର ଚେର ସମ୍ପୂ ଭୂମିର ଉପରଭାଗରେ ବିସ୍ତାରିତହୋଇ, ଆବଶ୍ୟକମତେ ଭୂମିର ରସ ଟାଣି ପାରଇ ନାହିଁ । ଏବଂ ପବନ ଯୋଗରେ ଉପୁଡ଼ି ପଡ଼ଇ । ବାଲୁଅ ଭୂମିରେ ଗଛ ଲଗାଇବା ନିମନ୍ତେ ଗର୍ତ୍ତ କରିବାକୁ ହେଲେ ତହିଁରେ ଯଥେଷ୍ଟ ବାଲି ଯୋଗ କରିବାକୁ ହେବ । ନଚେତ ଗଛ ଢଳିପଡିବ । ବୃକ୍ଷ ରୋପଣ କରିବାର ଛମାସ ପୂର୍ବରୁ ଗର୍ତ୍ତ ଖୋଳି ତହିଁରେ କୁଟା କାଟି ଭର୍ତ୍ତି କରି ନିଆଁ ଲଗାଇ ଦେବାକୁ ହେବ, କାରଣ ତଦ୍ଦ୍ୱାରା ମୃତ୍ତିକାରେ ଯେ ନାନା ବିବିଧ କୀଟାଦି ଥାନ୍ତି ସେମାନେ ନଷ୍ଟ ହୋଇ ଯାନ୍ତି । ପରେ ଉକ୍ତ ଗର୍ତ୍ତକୁ ଚଷ, ପାଉଁଶ ଓ ବାଲି ପ୍ରଭୃତିରେ ପୂର୍ଣ୍ଣକରି ବୃକ୍ଷ

GPNanda Colln., Digitized by srujanika@gmail.com

ରୋପଣ କରିବାର ଆବଶ୍ୟକ ।

ଚାରା ଉତ୍ପାଟନ ଓ ରୋପଣ କରିବାର ବିଧି ।

ଚାରା ଉପାଡ଼ିବା ସମୟରେ ପ୍ରତ୍ୟେକ ବୃକ୍ଷର ଚେର ଯେତେ ଦୂର ପର୍ଯ୍ୟନ୍ତ ବିସ୍ତୀର୍ଣ୍ଣ ହୋଇଥିବ ତେତେକ ଅଂଶ ଯତନରେ ଖୋଳିବାକୁ ହେବ । ଯେପ୍ରକାର କୌଣସି ଚେର ଆଘାତ ନ ହୁଏ । ଚତୁର୍ଦ୍ଦିଗର ଖୋଳ ବୃକ୍ଷକୁ ଆଣିଲା ଉତ୍ତାରୁ ତତକ୍ଷଣରେ ବୃକ୍ଷକୁ ଚେରବୃତ ମୃତ୍ତିକା ସହିତରେ ଗର୍ତ୍ତ ମଧ୍ୟରେ ରୋପଣ କରିବ । ଚାରା ଭୂମିର ଉପରେ ଏକଦାନ ଆଡ଼ମ୍ବଲମ୍ବ କରିବାର ଉଚିତ ନୁହେ ଯଦ୍ୟପି ଅସୁବିଧା ହେଉଥିବ କେତେକ ବ୍ୟକ୍ତି ଚାରାଭୂମିର ଉପରେ ଦୁଇ ତିନି ଦିନ ପର୍ଯ୍ୟନ୍ତ ରଖିଥାନ୍ତି ତଥାଚ ସେମାନେ ବହୁଁ ଯତ୍ନରେ ଛାୟା ଓ ଶୀତଳ ସ୍ଥାନରେ ରଖିଲେ ମଧ୍ୟ ବୃକ୍ଷ ଅଇଲେ ଯିବାର ଡର ଥାଏ, ତାହା ରୋପଣ ହେଲା ପର୍ଯ୍ୟନ୍ତ ଜଳର ଛିଟା ଯୋଗ୍ୟ ହେବ ଏ

ପର କଣ୍ଟା ଝାଟି ଜମ୍ପା ଓ ବଉଁଶ ଡାଳ ଦ୍ୱାରା ବାଡ଼ବନ୍ଧା ଯାଇ ଦେବ ଯେ ଯେପରି କି ରୋପଣ ହୋଇଥିବା ବୃକ୍ଷ ସବୁ ନଷ୍ଟ ହୋଇ ପାରେ; ଏହାଦ୍ୱାରା ଗୃହର ଚେର ବଢେ ଏବଂ ବାହାର ଜନ୍ତୁଙ୍କ ଉପଦ୍ରବରେ ନଷ୍ଟ ହେବାର ଡର ହୁଏ ନାହିଁ ।

ଜଳ ସେଚନ ବିଧାନ ।

ଚାରାସବୁ ଭୂମି ବା ଟବ ମାନଙ୍କରେ ରୋପଣ କଲା ପରେ ପ୍ରଥମ ମାସରେ ପ୍ରତି ଦିନ ପ୍ରାତଃ କାଳ ଓ ସନ୍ଧ୍ୟା ସମୟରେ ଭଲ ଭାବରେ ଜଳସେଚନ କରିବା ଆବଶ୍ୟକ; ତାପରେ ପ୍ରାୟ ଛଅ ମାସ ପର୍ଯ୍ୟନ୍ତ ଦିନେ ନୋହିଲେ ଦିନକରେ ପାଣି ଦେବାକୁ ହେବ । ତିନିବର୍ଷ ପର୍ଯ୍ୟନ୍ତ ଖରାଦିନ କାଳରେ ଆବଶ୍ୟକ ମତେ ଦୁଇ ତିନି ଦିନରେ ଥରେ ଲେଖାଏଁ ଜଳସେଚନର ପ୍ରୟୋଜନ । ପାହାଡ଼ିଆ ଭୂମିରେ ବୃକ୍ଷ ଫଳବନ୍ତ ହେବା ପର୍ଯ୍ୟନ୍ତ ମଧ୍ୟ-ମଧ୍ୟରେ ଭଲ ଜଳସେଚନା

ରେ ଜଳସେଚନର ଆବଶ୍ୟକ ରହେ ।

ଖତ ଦେବାର ବିଧି ।

ନିକୃଷ୍ଟ ଭୂମିରେ ବୃକ୍ଷ ରୋପଣ କଲା ପର ଦୁଇ ତିନ ବର୍ଷ ପର୍ଯ୍ୟନ୍ତ ଲବଣ, ପାଉଁଶ, ଚୂନ, ତେଲ ଖଳି, ଓ ପଙ୍କ, ବୃକ୍ଷମୂଳ ମୃତ୍ତିକାରେ ମିଶ୍ରିତ ଯୋଗ କରିବାକୁ ହେବ । ପୋଡ଼ା ମାଛ ଅଥବା ସଢ଼ା ମାଉଁସ ଦେଇପାରିଲେ ଉତ୍ତମ ହେବ । ଉତ୍କୃଷ୍ଟ ମୃତ୍ତିକାରେ ବୃକ୍ଷ ରୋପଣ କରା ଗଲେ ପାଉଁଶ, ଚୂନ, ଓ ପଙ୍କ, ଏହିଭଳି ଅନ୍ୟ ଖତ ବୃକ୍ଷ ମୂଳରେ ଦେବାର ବିଧେୟ ନୁହେ; ତଦ୍ଦ୍ୱାରା ଗଛର ମୂଳ ଅଧିକ ମୋଟା ହୋଇ ଯାଇ ବାହୁଙ୍ଗା ପଡ଼ନ୍ତି ନାହିଁ । ବୃକ୍ଷ ରୋପଣ ହେବାର ଏକ ବର୍ଷପର ବାହୁଙ୍ଗା ଉଦ୍‌ଯୋଗ ବା ଫିଟିଲେ ପ୍ରତି ମାସରେ ଥରେ ହିସାବରେ ତାହାମୂଳ ମୃତ୍ତିକାକୁ ଖୋଳି ତହିଁରେ ପାଉଁଶ ସଂଯୋଗ କରିବ । ଦୁଇ ବର୍ଷ ଗତ ହେଲେ ବର୍ଷାରମ୍ଭରେ ବୃକ୍ଷ

GPNanda Colln., Digitized by srujanika@gmail.com

ମୂଳର ଚତୁଃପାର୍ଶ୍ୱ ମୃତ୍ତିକାକୁ ହା ୨ ଇଞ୍ଚ ପରିଧି ଓ ଏକ
ଫୁଟ ଅର୍ଦ୍ଧ ହାତ ଗଭୀରରେ ଖୋଳି ତହିଁରେ ଛଣ ଗୁଣ୍ଡି,
ଶୁଷ୍କ ଖଡ଼, ଏବଂ ଥାଳିସ ଯୋଗ କରନ୍ତୁ ଏଥିରେ ବାୟୁ
ସଞ୍ଚାର ହେବା କାରଣ ମୃତ୍ତିକାକୁ ଖୋଲା ରଖିବ ଓ
ବର୍ଷା ଶେଷ ହେଲେ ପୁନର୍ବାର ସେହି ମୃତ୍ତିକାକୁ ପୋତି
ସମାନ କରିବାକୁ ହେବ । ବୃକ୍ଷ ବଢ଼ିଲେ ପ୍ରତିବର୍ଷ ଏପରି
କରିବାର ଯଦି କିଛି ପ୍ରୟୋଜନ ନାହିଁ ତଥାପି ସମୟ
ସମୟରେ ଏପ୍ରଥା ଅବଲମ୍ବନ କଲେ ବୃକ୍ଷର ଉପ-
ଯୁକ୍ତ ଫେର ସବୁ ଭଜିଆଲ ଜନ୍ମନ୍ତି ତେଣୁ ସବଳ ହୁଏ
ପ୍ରଥମ ଦୁଇ ତିନିବର୍ଷ ପର୍ଯ୍ୟନ୍ତ ଗଛ ୨ ବାହୁଙ୍ଗା ଯେପରି
ପଶୁମାନଙ୍କ ଦ୍ୱାରା ନଷ୍ଟ ନହୁଏ, ତହିଁର ଯତ୍ନ କରିବାକୁ
ହେବ । ବାହୁଙ୍ଗା ପିତିବାଠାରୁ ଖୋସା ପକାଇବା ପର୍ଯ୍ୟନ୍ତ
ଶୁଷ୍କ ବାହୁଙ୍ଗା ଓ ଗୁହ୍ମମାନ ପ୍ରତ୍ୟେକ ମାସରେ ଛାଡ଼ି
ଦେବାକୁ ହେବ; ମୂଷା ଓ ଅନ୍ୟ କୀଟମାନେ ତହିଁରେ

GPNanda Colln., Digitized by srujanika@gmail.com

ଯେପରି ରହି ନପାରନ୍ତି ତହିଁ ପ୍ରତି ଦୃଷ୍ଟି ରଖିବ, କାରଣକ ମୂଷା, ଉଜ୍ଜାଲ, ରଙ୍ଗଜନା ଓ ଅନ୍ୟାନ୍ୟ କୀଟମାନେ ବାଲୁଙ୍ଗ ନଡ଼ିଆ ବୃକ୍ଷର ଅନେକ ଅପକାର କରନ୍ତି; ଲୁଣ, ଆଫିମ, ହେଙ୍ଗୁ, ପିଆଜ, କର୍ପୂର, ବୃକ୍ଷ କାଣାରେ ରଖି-ଲେ ତଦ୍‌ଗନ୍ଧରେ କୀଟାଦି ପ୍ରବେଶ କରିପାରି ନଥିବାରୁ କେତେକ ରକ୍ଷା କରି ଥାନ୍ତି । କୌଣସିମାନେ କହି ଥାନ୍ତି ନାରକେଳ ଉଦ୍ୟାନ ମଧ୍ୟରେ ଅନ୍ୟ କୌଣସି ବୃକ୍ଷ ରୋପଣ କରିବାର ଉଚିତ ନୁହେଁ; ଅନ୍ୟ ବୃକ୍ଷମାନ ନାରକେଳ ବୃକ୍ଷାପେକ୍ଷା ଅଧିକ ପରିମାଣରେ ଭୂମିରୁ ରସ ଆକର୍ଷଣ କରନ୍ତି; ନାରିକେଳ ବୃକ୍ଷ ନିକଟରେ ଅନ୍ୟାନ୍ୟ ବୃକ୍ଷ ରୋପଣ କଲେ ଉକ୍ତ ବୃକ୍ଷ ଯଥେଷ୍ଟ ରସ ପାଏ ନାହିଁ; ମାତ୍ର ଅନୁଭବରେ ଦେଖାଯାଇଅଛି ଯେ ବାଲୁଙ୍ଗ ନାରକେଳ ବୃକ୍ଷ ପାର୍ଶ୍ୱରେ କଦଳୀ ବୃକ୍ଷ ରୋପଣ କଲେ ସେହି ବାଲୁଙ୍ଗ ବୃକ୍ଷକୁ ସୂର୍ଯ୍ୟାତପରୁ ରକ୍ଷା କରେ, ଏବ

GPNanda Colln., Digitized by srujanika@gmail.com

ଅନେକାଂଶରେ ସମ୍ପନ୍ନ ହୁଏ । ଉତ୍କୃଷ୍ଟ ଭୂମିରେ ଉପ-
ଯୋକ୍ତ ନିୟମାନୁଯାୟୀ ନାରିକେଳ ବୃକ୍ଷ ରୋପଣ ହେଲେ
୪।୫ ପାଞ୍ଚ ବର୍ଷରେ ବୃକ୍ଷ ଫଳବନ୍ତ ହୁଏ; ମାତ୍ର ପଥୁରିଆ
ଓ କର୍କଶ ଭୂମିରେ ବୃକ୍ଷ ଆଠ ଦଶ ବର୍ଷରେ ଫଳବାର
ଦେଖାଯାଏ ନାହିଁ; ବୃକ୍ଷରେ ଚିଅଁର ଓ ଗୋଟମା ହେଲେ
ତାହାର ପ୍ରଥମ ଦୁଇ ଏକ ବର୍ଷ ପର୍ଯ୍ୟନ୍ତ ଗୋଟମା ଅଧିକ
ପରିମାଣରେ ନଷ୍ଟ ହୋଇଯାଏ, ଯେବ ସୁପକ୍ୱ ହେବା
ପର୍ଯ୍ୟନ୍ତ ରହେ ତେବେ ତହିଁର ରସ ତେତେ ସୁସ୍ୱାଦୁ
ହୁଏ ନାହିଁ । ଫୁଲ ବା ଗୋଟମା ଆରମ୍ଭାବଧି ଏକ ବର୍ଷ
ମଧ୍ୟରେ ନାରିକେଳ ଫଳ ସୁପକ୍ୱ ହୁଏ । ଭୂମିର ଉର୍ବର
ଶକ୍ତ୍ୟାନୁଯାଇ ଏକ ବର୍ଷରେ ଏକ ବୃକ୍ଷରୁ ଗୋ। ୬୦ ଟା
ଠାରୁ ଗୋ। ୨୦୦ ଟା ପର୍ଯ୍ୟନ୍ତ ନାରିକେଳ ଫଳବାର
ଦେଖାଯାଇ ଅଛି । ନାରିକେଳ ବୃକ୍ଷ କାର୍ତ୍ତିକ ମାସଠାରୁ
ଫାଲ୍ଗୁନମାସ ପର୍ଯ୍ୟନ୍ତ ଯଥେଷ୍ଟ ରୂପେ ଫଳନ୍ତ ହୁଏ । ପ୍ରତ୍ୟେକ

GPNanda Colln., Digitized by srujanika@gmail.com

କଦାଚିତ୍ ନାରିକେଳ ସୁପକ୍ୱ ହେବା ପୂର୍ବରୁ ବହୁଫଳ ଅନ୍ତର କଟାଗଲେ ଅବଶିଷ୍ଟ ଫଳ ରସାଳ ହେବାର ସମ୍ଭବ ମାତ୍ର ଶୁଷ୍କ ନୋହିବା ପର୍ଯ୍ୟନ୍ତ ଡଁଅର କାଟିବାକୁ ହେବ-ନାହିଁ; କାରଣ ତଦ୍ୱାରା ବୃକ୍ଷର ରସ ନିରର୍ଥକ ନିର୍ଗତ ହୋଇ ବୃକ୍ଷକୁ ଦୁର୍ବଳ କରେ ବର୍ଣ୍ଣ ସ୍ୱାଦ, ଆକାର ଭେଦରେ ନାରିକେଳର ନାନାବିଧ ନାମ ଅଛି । ଯଥା ।
ରଙ୍ଗୀ, ଧୌଳା, ଘାଗା, ମଉଡଥ, ବସୁଣିଆ, କାକୁଡିଆ କୁମ୍ଭା, ମନୁଷ୍ୟ ମୁଣ୍ଡିଆ, ବାଣ, ଇତ୍ୟାଦି ।

ଏଥି ମଧ୍ୟରେ ରଙ୍ଗା, ସାଗୀ, କୁମ୍ଭା, କାକୁଡିଆ, ବାଣ, ଏଳଡିଆ ମାନ ପ୍ରାୟ ପ୍ରଚୁର ରୂପେ ଏ ପ୍ରଦେଶରେ ପ୍ରାପ୍ତ ହୁଏ । ଏତଦ୍ଭିନ୍ନ ମାଲଦ୍ୱୀପ, ସିଲୋନ, ଗୁଆ, ଉତ୍, ଓ ଅନ୍ୟାନ୍ୟ ବିଦେଶଜ ନାରିକେଳ ଶ୍ରେଣି ୨ ସ୍ଥାନରେ ମଧ୍ୟ ଦେଖା ଯାଉଅଛି ରଙ୍ଗୀ, ସାଗୀ, ଏ ଦୁଇ ପ୍ରକାର ନାରିକେଳ ବିଶେଷ ପରିମାଣରେ ଜ-

GPNanda Colln., Digitized by srujanika@gmail.com

ଫଳୋତ୍ପାଦନ କରିବାର ଲୋକମାନେ କହନ୍ତି ମାତ୍ର ଯତ୍ନ ସ୍ୱୀକାର କଲେ ଅନ୍ୟାନ୍ୟ ପ୍ରକାର ନାରିକେଳ ରୋପଣରେ ଉତ୍ତର ସୁଫଳ ହୁଏ ନାହିଁ । ଷାଠିଏ ବର୍ଷ ପର୍ଯ୍ୟନ୍ତ ନାରିକେଳ ବୃକ୍ଷ ବିଶେଷ ପରିମାଣରେ ଫଳୋତ୍ପାଦନ କରେ, ତତ୍ପରେ ଉତ୍ପାଦିକା ଶକ୍ତି କ୍ରମେ ହ୍ରାସ ହେଲେ ସୁଦ୍ଧା, ଏକଶତ ବର୍ଷ ପର୍ଯ୍ୟନ୍ତ ଫଳଦାୟୀ ହୁଏ ।

ଇତି ନାରିକେଳୋତ୍କର୍ଷିଣୀ ॥

GPNanda Colln., Digitized by srujanika@gmail.com

ବିଜ୍ଞାପନ ।

ନିମ୍ନଲିଖିତ ପୁସ୍ତକମାନ କଟକ ଅରୁଣୋଦୟ ଯନ୍ତ୍ରାଳୟରେ ବାଲୁବଜାରସ୍ଥିତ ଶ୍ରୀ ମଧୁସୂଦନ ଦତ୍ତଙ୍କ ପୁସ୍ତକ ଦୋକାନରେ ପ୍ରିଂଣ୍ଟି-କର୍ମ୍ମାନରେ ଏବଂ ଅମ୍ଭନିକଟରେ ପ୍ରାପ୍ତ ହୋଇ ପାରିବେ ।—

ଲୋକନାଥଙ୍କ ଜଣାଣ	...	...	ଟ ୦ ୧୯
ଧବଳେଶ୍ୱରଙ୍କ ଜଣାଣ	...	...	ଟ ୦ ୧୬
ଇନ୍ଦ୍ରଜିତଯୁଦ୍ଧ	...	...	ଟ ୦ /
ଅଣ୍ଡନାଭୁଣୀରହସ୍ୟ	...	...	ଟ ୦ ୧୯

ଶ୍ରୀ ଚନ୍ଦ୍ରାମଣି ପ୍ରହରାଜ
।ଦେବଯାଦାବଜାର
ଲଣ୍ଡାଦେଉଳ

GPNanda Colln., Digitized by srujanika@gmail.com